## ସଂକ୍ଷେପରେ

### ଏପ୍ରିଲ୍ ୨୪ରେ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା

**ଢେଙ୍କାନାଳ ଅଫିସ୍,୧୬।୩:** ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ପରିଷଦ ଏବଂ କାର୍ଯ୍ୟନିର୍ବାହୀ ସମିତିର ମିଳିତ ବୈଠକ ଜିଲା ଲେଖକ ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ପରବର୍ତ୍ତୀ ନିର୍ବାଚନ ପାଇଁ ଉପଦେଷ୍ଟା ପରିଷଦ ଓ କାର୍ଯ୍ୟନିର୍ବାହୀ ସମିତି ପଦାଧିକାରୀଙ୍କ ସଂଶୋଧିତ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ଉକ୍ତ ତାଲିକାକୁ ସାଧାରଣ ସଭାରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ। ଆସନ୍ତା ଏପ୍ରିଲ୍ ୨୪ରେ ଜିଲା ଲେଖକ ସଂସଦ ଭବନରେ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିବା ସାଧାରଣ ସମ୍ପାଦକ ବସନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଉପସଭାପତି ପ୍ରମୋଦ କୁମାର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ଢେଙ୍କାନାଳ ଅଫିସ,୧୬।୩:** ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅଞ୍ଚଳର ଜଣେ ମହିଳାଙ୍କୁ ମଙ୍ଗଳବାର ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ସ୍ୱାମୀଙ୍କ ଅନୁପସ୍ଥିତିରେ ଗ୍ରାମର ଦୁଇଜଣ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିବା ସହିତ ଅସଦାଚରଣ କରିଥିବା ପୀଡ଼ିତା କହିଛନ୍ତି। ଅଭିଯୋଗ ସତ୍ତ୍ୱେ ଫାଣ୍ଡିରୁ ନ୍ୟାୟ ନ ମିଳିବାରୁ ସେ ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି, ଅସଦାଚରଣର ଶିକାର ହେବାପରେ ସେ ସ୍ଥାନୀୟ ଫାଣ୍ଡିରେ ଲିଖିତ ଭାବେ ଜଣାଇଥିଲେ। ଏହାପରେ ତାଙ୍କୁ ଅଭିଯୋଗ ଉଠାଇ ନେବାକୁ ଧମକ ଦିଆଯାଇଥିଲା। ମହିଳା ଜଣକ ରାଜି ନ ହେବାରୁ ପୁଣି ଥରେ ଲିଖିତ ଅଭିଯୋଗ କରିବାକୁ ପୋଲିସ ବାଧ କରିଥିଲା। ପୋଲିସ ସହଯୋଗ କରୁ ନ ଥିବାରୁ ସେ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି। ତାଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ପରିବାର ସଦସ୍ୟଙ୍କ ସୁରକ୍ଷା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡ଼ିତା ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

### ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

**କେନ୍ଦୁଝର, ୧୬।୩ (ସ୍ୱ.ପ୍ର.):** କେନ୍ଦୁଝର ସଦର ରେଞ୍ଜ ମଇଦାନକେଲ ବିଟ୍ ଅନ୍ତର୍ଗତ ମଇଦାନକେଲ ଏବଂ କେରୀ ଗ୍ରାମବାସୀଙ୍କୁ ଜଙ୍ଗଲ ନିଆଁ ରୋକିବା ଲାଗି ସଚେତନତା କରାଯାଇଛି। ବନାଗ୍ନି ଯୋଗୁ ପ୍ରତିବର୍ଷ ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ବନ୍ୟପ୍ରାଣୀ ମୃତ୍ୟୁମୁଖରେ ପଡୁଛନ୍ତି। ପାଲା ମାଧମରେ ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା। ବିଶେଷ କରି ଜଙ୍ଗଲ ସମ୍ପଦର ସୁରକ୍ଷା ସହ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପର ସୁଶାନ୍ତ ବେହେରା, ଗଣମାଧମ ପ୍ରତିନିଧି ପ୍ରଦୀପ ମହାନ୍ତି, ରାମଜୀ ପାଲା ଦଳର ଗାୟକ ଯୋଗେନ୍ଦ୍ର ମହାନ୍ତ ଏବଂ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ, ଫାୟାର ସ୍କ୍ୱାଡ୍ କର୍ମଚାରୀ, ମଇଦାନକେଲ ଏବଂ କେରୀ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବେଆଇନ ମହୁଲି ମଦ କାରଖାନାରେ ଚଢ଼ାଉ,୨ ଗିରଫ

**ପାଟଣା, ୧୬।୩ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ତୁରୁମୁଙ୍ଗା ଥାନା ଅଧୀନ ହୀରାପଶି ନାଳ କୂଳରେ ଚାଲିଥିବା ବେଆଇନ ମହୁଲି ମଦ କାରଖାନାରେ ବୁଧବାର ଚଢ଼ାଉ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନାଙ୍କ ନେତୃତ୍ୱରେ ଏପିଆର୍ ଫୋର୍ସ, ମୋବାଇଲ ସ୍କ୍ୱାଡ୍ ଓ ପାଟଣା, କେନ୍ଦୁଝର ଅବକାରୀ ଅଧିକାରୀ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ମହୁଲି ମଦ ଜବତ କରିଛନ୍ତି। ଏଭଳି ବେଆଇନ ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହୀରାପଶି ଗ୍ରାମର ସନାତନ ମାଝି ଏବଂ କେନ୍ଦେଇପଶିର ମୀନାକ୍ଷି ବେହେରା। ଉଭୟଙ୍କ ନିକଟରୁ ୧୧୦ ଲିଟର ମହୁଲି ମଦ ଜବତ କରାଯାଇଛି। ଏଥିସହ ୯୦୦୦ କିଲୋଗ୍ରାମ ପୋଚ ନଷ୍ଟ କରାଯାଇଛି। ପାଟଣା ଅବକାରୀ ବିଭାଗ ଅଧିକାରୀ ଜନାର୍ଦ୍ଦନ ପଲେଇ, ଜିଲା ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ଚନ୍ଦନ ମଣ୍ଡଳ, ସଦର ଅବକାରୀ ଅଧିକାରୀ ରଞ୍ଜନ କୁମାର ପାତ୍ର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ପୂରଣ ହେଉନି ଋଣ ଲକ୍ଷ୍ୟ

**ଢେଙ୍କାନାଳ ଅଫିସ,୧୬।୩**

- ଜିଲା ପରାମର୍ଶ କମିଟି ବୈଠକରେ ଉଦ୍‌ବେଗ
- କୃଷିଋଣ ଧାର୍ଯ୍ୟଲକ୍ଷ୍ୟଠାରୁ ୬୪% କମ୍ ପ୍ରଦାନ
- ଅଣ କୃଷିକ୍ଷେତ୍ରରେ ଋଣ ପରିମାଣ ୫୨ ପ୍ରତିଶତ


ଜିଲା ପରାମର୍ଶ କମିଟି ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବ୍ୟାଙ୍କର ପଦସ୍ଥ ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ।

ଢେଙ୍କାନାଳ ଜିଲାରେ ଚାଷୀଙ୍କୁ ଋଣ ପ୍ରଦାନ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ୨୦୨୧-୨୨ ଆର୍ଥିକ ୧୭୦୫.୫୧ କୋଟି ଟଙ୍କା କୃଷିଋଣ ପ୍ରଦାନ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ମାତ୍ର ୬୧୦.୬୫ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି, ଯାହା ଲକ୍ଷ୍ୟଠାରୁ ୬୪% କମ୍। ଅଣ କୃଷିକ୍ଷେତ୍ରରେ ମଧ ପ୍ରଦାନ କରାଯାଇଥିବା ଋଣର ପରିମାଣ ଆଖିଦୃଶିଆ ନୁହେଁ। ଅଣଚାଷ କ୍ଷେତ୍ରରେ ୬୬୫.୧୨ କୋଟି ଟଙ୍କା ଋଣ ପ୍ରଦାନ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବାବେଳେ ଗତ ଡିସେମ୍ବର ଶେଷ ସୁଦ୍ଧା ୩୪୨.୬୮ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହା ମୋଟ ଧାର୍ଯ୍ୟ ଲକ୍ଷ୍ୟର ୫୨%। ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ଲିଡ୍ ବ୍ୟାଙ୍କ ପରାମର୍ଶ କମିଟି ବୈଠକରୁ ଏଭଳି ତଥ୍ୟ ପଦାକୁ ଆସିଛି। ଜିଲାରେ କାର୍ଯ୍ୟକ୍ଷମ ବ୍ୟାଙ୍କ ବିଭିନ୍ନ କ୍ଷେତ୍ର ପାଇଁ ମୋଟ୍ ୪୮% ଋଣ ପ୍ରଦାନ କରିଛନ୍ତି। ଏହାକୁ ସର୍ବନିମ୍ନ ୬୦%କୁ ବୃଦ୍ଧି କରିବା ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ସରୋଜ କୁମାର ସେଠୀ ବ୍ୟାଙ୍କର୍ସ ଏବଂ ଲାଇନ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଆଲୋଚନାରେ ଭାଗନେଇ ଜିଲାପାଳ କହିଲେ, ଆଦିବାସୀ ହସ୍ତଶିଳ୍ପର ପ୍ରଚାର ପ୍ରସାର ଲାଗି ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀରେ କଳାଗ୍ରାମ ପ୍ରତିଷ୍ଠା କରାଯାଇଛି। ଏହାର ଭିତ୍ତିଭୂମିର ବିକାଶ କରିବା ଲାଗି ବ୍ୟାଙ୍କସମୂହ ଆଗେଇ ଆସିବା ଜରୁରୀ। ଫଳରେ ଜିଲାର ହସ୍ତଶିଳ୍ପ, କୁଟୀର ଶିଳ୍ପ, ଡୋକ୍ରାଶିଳ୍ପକୁ ନୂଆ ଦିଶା ମିଳିବ। ଆଞ୍ଚଳିକ କାରିଗରଙ୍କ ରୋଜଗାର ବୃଦ୍ଧି ପାଇବ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଛନ୍ତି। ଜିଲାରେ ଛତୁଚାଷ, କୁକୁଡ଼ା ପାଳନ, ଛେଳି ପାଳନ, ଫଳ ଚାଷ, ପରିବା ଉତ୍ପାଦନ ସମେତ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟ ପାଇଁ ବହୁ ଉତ୍ସାହୀ ବ୍ୟକ୍ତି, ଅନୁଷ୍ଠାନ, ଗୋଷ୍ଠୀ ଇଚ୍ଛୁକ ଅଛନ୍ତି। ହେଲେ ଅର୍ଥାଭାବ ସେମାନଙ୍କ ଲକ୍ଷ୍ୟପଥରେ ପ୍ରମୁଖ ପ୍ରତିବନ୍ଧକ ସାଜିଛି। ସାମାଜିକ ସୁରକ୍ଷା ଦୃଷ୍ଟିରୁ ଏଭଳି ଉତ୍ସାହୀ ବ୍ୟକ୍ତିଙ୍କୁ ଚିହ୍ନଟ କରି ଋଣ ଯୋଗାଇ ଦେବା ଲାଗି ବିହିତ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ନାବାର୍ଡ ଡିଡିଏମ୍ ଡ. ଜ୍ଞାନେନ୍ଦ୍ର ରାଉତ, ଏଲ୍‌ଡିଏମ୍ ସନୋଜ କୁମାର ସିଂ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଚିଫ୍ ମ୍ୟାନେଜର ମୀନକେତନ ବରାଲେବଦିଆ ପ୍ରମୁଖ ଉପସ୍ଥିତ ଥିଲେ।

## ତାଲିମ ନେଇ ୪,୬୧୭ ଆତ୍ମନିର୍ଭର

ଢେଙ୍କାନାଳ ଜିଲା ୟୁକୋ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଅଦ୍ୟାବଧି ୬,୯୪୨ଜଣଙ୍କୁ ତାଲିମ ପ୍ରଦାନ କରାଗଲାଣି। ସେମାନଙ୍କ ମଧ୍ୟରୁ ୪,୬୧୭ଜଣ ରୋଜଗାରକ୍ଷମ ହୋଇପାରିଛନ୍ତି। ଚଳିତ ବର୍ଷ ପ୍ରତିଷ୍ଠାନ ପକ୍ଷରୁ ୩୫୮ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ୧୭୮ଜଣ ଆତ୍ମନିର୍ଭରଶୀଳ ହୋଇପାରିଥିବା ଆର୍‌ଏସ୍‌ଇଟି ନିର୍ଦ୍ଦେଶକ ବିଶ୍ୱଭାରତୀ ସାହୁ ସୂଚନା ଦେଇଛନ୍ତି। ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଅଧିକରୁ ଅଧିକ ଯୁବତୀଯୁବକଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ ଲାଗି ନାମ ସୁପାରିସ କରିବାକୁ ପରାମର୍ଶ ଦିଆଯାଇଛି।

## ଏମ୍‌ପିଙ୍କ ପିଏସ୍‌ଓଙ୍କୁ ଦୁର୍ବ୍ୟବହାର ଘଟଣା: ଆଉ ଜଣେ ଗିରଫ

**ପଦ୍ମପୁର,୧୬।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଭଦ୍ରକ-ବାସୁଦେବପୁର ରାସ୍ତାର କିଆପଡ଼ା ଛକଠାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ପିଏସ୍‌ଓଙ୍କୁ କେତେଜଣ ଯୁବକ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାରେ ବାସୁଦେବପୁର ଥାନା ପୋଲିସ ମଙ୍ଗଳବାର ରାତିରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କପାଗଡ଼ିଆ ଗ୍ରାମର କୃପାସିନ୍ଧୁ ନାୟକ। ସୂଚନାଯୋଗ୍ୟ, ଗତ ୧ ତାରିଖରେ ଏମ୍‌ପିଙ୍କୁ ଆଣିବା ପାଇଁ ତାଙ୍କ ଗାଡ଼ିରେ ପିଏସ୍‌ଓ ଭଦ୍ରକ ଅଭିମୁଖେ ଯାଉଥିଲେ। ଏହି ସମୟରେ ୧୨ରୁ ଊର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ହୋଇ ଏମ୍‌ପିଙ୍କ ଗାଡ଼ିକୁ ଅଟକାଇ ତାଙ୍କ ପିଏସ୍‌ଓଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଏମ୍‌ପିଙ୍କ ଗାଡ଼ି ଡ୍ରାଇଭର ଦେବବ୍ରତ କରଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ମାମଲା (ନଂ.୮୯/୨୨) ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଭୋଟ ମାଗିଲେ ନେତା


ପ୍ରଚାରରେ ସାମିଲ ହୋଇଥିବା ଏମ୍‌ପି ମହେଶ ସାହୁଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୧୬।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ନିର୍ବାଚନ ପାଖେଇ ଆସୁଥିବାବେଳେ ପ୍ରଚାର ଜୋର୍‌ଦାର କରିଛି ବିଜେଡି। ଏମ୍‌ପି ମହେଶ ସାହୁ ବୁଧବାର ନଗରପାଳ ପ୍ରାର୍ଥୀ ଧର୍ମାନନ୍ଦ ପରିଡ଼ା ଏବଂ ଦଳୀୟ କାଉନ୍‌ସିଲର ପ୍ରାର୍ଥୀଙ୍କ ପାଇଁ ବିଭିନ୍ନ ୱାର୍ଡ ବୁଲି ଭୋଟ ମାଗିଛନ୍ତି।

ମା' ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଏମ୍‌ପି ଦଳୀୟ କର୍ମକର୍ତ୍ତାଙ୍କ ସହ ୧୫ନଂ. ୱାର୍ଡ ଅଧୀନ ରେକୁଲାରୁ ପ୍ରଚାର ଆରମ୍ଭ କରିଥିଲେ। ଏହାପରେ ୧୦ନଂ. ୱାର୍ଡରେ କାଉନସିଲର ପ୍ରାର୍ଥିନୀ ସୌମ୍ୟାଶ୍ରୀ ଜୀଙ୍କ ପାଇଁ ପ୍ରଚାର କରିଥିଲେ। ନବୀନ ସରକାରଙ୍କ ଶାସନ ସମୟରେ କାମାକ୍ଷାନଗରରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଏହାକୁ ତ୍ୱରାନ୍ୱିତ କରିବା ଲାଗି ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ସେ ନିବେଦନ କରିଥିଲେ। ଆଦିତ୍ୟ ଆଚାର୍ଯ୍ୟ, ମଙ୍ଗୁତ୍‌ଲାଲ କଟାରୁକା, ସିଲୁ ସାହୁ, ପପୁ ସାସ୍ମଲ, ସାଇ ବିଶ୍ୱଜିତ୍, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ବହୁ ନେତା ଓ କର୍ମୀ ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଶଢ଼ା ପଞ୍ଚାୟତ ସରପଞ୍ଚ ନିର୍ବାଚନ: ତଦନ୍ତ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିଶନ

**ହାଟଡ଼ିହୀ,୧୬।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ଶଢ଼ା ପଞ୍ଚାୟତ ସରପଞ୍ଚ ପଦବୀ ଲାଗି ହୋଇଥିବା ନିର୍ବାଚନରେ ଭୋଟ ଗଣତିକୁ ନେଇ ବିବାଦ ଦେଖାଦେଇଛି। ଏନେଇ ପରାଜିତ ସରପଞ୍ଚ ପ୍ରାର୍ଥିନୀ ରାଜ୍ୟ ନିର୍ବାଚନ କମିଶନଙ୍କଠାରେ ଅଭିଯୋଗ କରିଛନ୍ତି। କମିଶନ ତାଙ୍କ ଆବେଦନ ଗ୍ରହଣ କରି କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୧୪ଟି ୱାର୍ଡକୁ ନେଇ ଗଠିତ ଶଢ଼ା ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ଭାରତୀ ପାତ୍ର, ସାଗରିକା ଜେନା ଏବଂ ସୁକାନ୍ତି ପାତ୍ର ନିର୍ବାଚନ ଲଢୁଥିଲେ। ପଞ୍ଚାୟତର ମୋଟ ୪୫୭୦ ଭୋଟର ମତଦାନ କରିଥିବା ବେଳେ ବୈଧ ଭୋଟ ସଂଖ୍ୟା ୪୪୨୬ ଏବଂ ରିଜେକ୍ଟ ଭୋଟ ସଂଖ୍ୟା ୧୪୫ ଥିଲା। ଭାରତୀଙ୍କୁ ୩୩, ସାଗରିକାଙ୍କୁ ୨୨୦୯ ଏବଂ ସୁକାନ୍ତିଙ୍କୁ ୨୧୮୪ ଭୋଟ ମିଳିଥିଲା। ସାଗରିକାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଏହାର ପ୍ରତିବାଦରେ ସୁକାନ୍ତି ରାଜ୍ୟ ନିର୍ବାଚଚ କମିଶନଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ବୃଦ୍ଧାଙ୍ଗୁଳି ଛାପରେ ତାଙ୍କ ସପକ୍ଷରେ ହୋଇଥିବା ବହୁ ମତଦାନକୁ ରିଜେକ୍ଟ କରାଯାଇଥିବାରୁ ସେ ପରାଜିତ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ରିଜେକ୍ଟ ହୋଇଥିବା ସେହି ସବୁ ଭୋଟ୍‌କୁ ବୈଧ ଭାବେ ବିବେଚନା କରି ପୁନଃଗଣନା ପାଇଁ ସେ ନିବେଦନ କରିଛନ୍ତି। ବିଡିଓ ବିନୀତା ବିଜୟିନୀ ବୃଦ୍ଧାଙ୍ଗୁଳି ଛାପରେ ମତଦାନକୁ ଅବୈଧ କହିଥିବା ବେଳେ ଆନନ୍ଦପୁର ଉପଜିଲାପାଳ ଗୋପୀନାଥ କୁଅଁର ଏପରି ମତଦାନ ବୈଧ ବୋଲି କହିଛନ୍ତି।

## ୨୭ ବର୍ଷର ଜବରଦଖଲ ହଟିଲା


କାଣ୍ଡବିନ୍ଧା ଗ୍ରାମରେ ଜେସିବି ମେଶିନ ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ଢେଙ୍କାନାଳ ଅଫିସ୍,୧୬।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ଗ୍ରାମରେ ଖେଳପଡ଼ିଆ ପାଇଁ ଉଦ୍ଦିଷ୍ଟ ସରକାରୀ ଜାଗା ଜବରଦଖଲ ମୁକ୍ତ ହୋଇଛି। ଦୀର୍ଘ ୨୭ବର୍ଷ ଧରି ସେହି ଜମିକୁ କେତେଜଣ ବେଆଇନ ଭାବେ ମାଡ଼ିବସିଥିବାବେଳେ ବୁଧବାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ସେଠାରେ ଜେସିବି ବୁଲିଛି। ଉକ୍ତ ସରକାରୀ ଜମିରେ ରହୁଥିବା ୧୦ ପରିବାରକୁ ଉଚ୍ଛେଦ କରାଯାଇଛି। ଅନ୍ୟପଟେ ଥଇଥାନ ବ୍ୟବସ୍ଥା କରାଯାଇ ନ ଥିବାରୁ ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୧୯୯୫ରୁ ଉକ୍ତ ସରକାରୀ ଜମି ଜବରଦଖଲରେ ଥିଲା। ଏ ସମ୍ପର୍କରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଖେଳପଡ଼ିଆ ନିମନ୍ତେ ଉକ୍ତ ସରକାରୀ ଜମିରୁ ଜବରଦଖଲ ହଟାଇବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ନିର୍ବାହୀ ମାଜିଷ୍ଟ୍ରେଟ୍ ତଥା ଡେପୁଟି କଲେକ୍ଟର ପ୍ରମୋଦ କୁମାର ଦଳବେହେରା, ସଦର ଥାନାଧିକାରୀ ଅଭିନବ ଡାଲୁଆ ପୋଲିସ ଫୋର୍ସ ସହିତ ଉପସ୍ଥିତ ରହି ଜେସିବି ମେଶିନ ସହାୟତାରେ କୋଠାଗୁଡ଼ିକୁ ଭାଙ୍ଗିଥିଲେ।

ଏ ସମ୍ପର୍କରେ ତହସିଲଦାର କୁହନ୍ତି, କାଣ୍ଡବିନ୍ଧା ରାଜସ୍ୱ ମୌଜାର ସଂରକ୍ଷିତ ଖେଳପଡ଼ିଆ ଜମିରେ ବେଆଇନ ଭାବେ ଜବରଦଖଲ କରାଯାଇ ଘର ନିର୍ମାଣ ହୋଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିପୂର୍ବରୁ ସେଠାରେ ରହୁଥିବା ପରିବାରକୁ ନୋଟିସ୍ କରାଯାଇଥିଲା। ଥଇଥାନ ସମ୍ପର୍କରେ ତହସିଲଦାର କୁହନ୍ତି, ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନିଜସ୍ୱ ଜମି ରହିଛି। ସେମାନେ ନିଜ ଜମିରେ ଘର କରି ରହିପାରିବେ।

# ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ଆଶା

**ବାରିପଦା ଅଫିସ,୧୬।୩**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶା ପ୍ରକଟ କରାଯାଇଛି। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବାଘ ସଂଖ୍ୟା ହ୍ରାସ ପାଇଥିବା ବେଳେ ଚଳିତ ବର୍ଷ ୫ମ ଚକ୍ର ବାଘ ଗଣନାକୁ ଭିତ୍ତିକରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଡେପୁଟି ଡାଇରେକ୍ଟର(ଦକ୍ଷିଣ) ସମ୍ରାଟ ଗୌଡ଼ା ବାଘ ବଂଶ ବୃଦ୍ଧି ଘଟିଥିବା ଆଶାବ୍ୟକ୍ତ କରିଛନ୍ତି।

ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଦ୍ୱାରା ୨୦୨୨ ଜୁଲାଇ ୨୯ ଗ୍ଲୋବାଲ ଟାଇଗର ଦିବସରେ ଗଣନାର ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରକାଶ ପାଇବ। ବାଘଙ୍କ ଖାଦ୍ୟ ଶୃଙ୍ଖଳକୁ ନେଇ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ତୃଣଭୋଜି ପ୍ରାଣୀଙ୍କ ପାଇଁ ଆବଶ୍ୟକ ଚାରଣଭୂଇଁରେ ଘାସ ଲଗାଇବା, ପିଇବା ପାଣିର ବ୍ୟବସ୍ଥା କରିବା, ଅବାଧ ଶିକାର ରୋକିବା, କୋର୍ ଏବଂ ବଫର ଅଞ୍ଚଳରେ ଥିବା ଲୋକଙ୍କୁ ଥଇଥାନ କରାଯାଉଛି।

ଶିମିଳିପାଳରେ କଳା ବାଘ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ କୁଲଡ଼ିହା ଜଙ୍ଗଲକୁ ଶିମିଳିପାଳ ବାଘ ଯାଇଥିବା ଅନୁମାନ କରାଯାଇଛି। ସର୍ବଭାରତୀୟ ବ୍ୟାଘ୍ର ଗଣନା କାର୍ଯ୍ୟକ୍ରମ ୨୦୦୬ରୁ ଆରମ୍ଭ ହୋଇଥିବା ବେଳେ ଏହା ପ୍ରତି ୪ବର୍ଷକୁ ଚକ୍ର ହିସାବରେ ନିଆଯାଇ ୨୦୨୨ ଜାନୁୟାରୀରେ ୫ମ ଚକ୍ର ବାଘ ଗଣନା କରାଯାଇଥିଲା।

# ପ୍ରାର୍ଥୀ ଜାଣିଲେ ନିୟମ


ବୈଠକରେ ଉପସ୍ଥିତ ବିଭିନ୍ନ ଦଳର ପ୍ରାର୍ଥୀମାନେ।

**ଭୁବନ, ୧୬।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ମାର୍ଚ୍ଚ ୨୪ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ବୁଧବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ତହସିଲଦାର ରୋସାଲିନ ବେହେରା, ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ଆଦର୍ଶ ଆଚରଣ ବିଧି, ପ୍ରଚାର ନିୟମ, ଭୋଟ ବେଳେ ବୁଥ୍‌ରେ ଶୃଙ୍ଖଳା ରକ୍ଷା, ପ୍ରଶାସନକୁ ଆବଶ୍ୟକ ସହାୟତା କରିବା ଆଦି ଉପରେ ବୁଝାଇଥିଲେ। ପ୍ରାର୍ଥୀମାନଙ୍କୁ ସେମାନଙ୍କ ବୁଥ୍‌ରେ ଏଜେଣ୍ଟ ଦେବାକୁ ପରାମର୍ଶ ଦିଆଯାଇଛି। ନିର୍ବାଚନ ସମୟରେ ସହରରେ ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ପୋଲିସ ପ୍ରଶାସନ ଦାୟିତ୍ୱବାନ ହେବାକୁ ନଗରପାଳ ପ୍ରାର୍ଥୀ ଏବଂ କାଉନ୍‌ସିଲର ପ୍ରାର୍ଥୀମାନେ ନିବେଦନ କରିଥିଲେ।

# ପ୍ରଚାର କରୁଛନ୍ତି ପ୍ରଶାସନିକ ଅଧିକାରୀ

- ଶାସକ ଦଳକୁ ସହାୟତା ଅଭିଯୋଗ
- ତଦନ୍ତ ଦାବି କଲେ ଭାଜପା କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ୍, ୧୬।୩**


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଭାଜପା ନେତୃବୃନ୍ଦ।

କୌଣସି ପକ୍ଷପାତିତା ନ କରି ପୌର ନିର୍ବାଚନ ପରିଚାଳନା କରିବାକୁ ରାଜ୍ୟ ନିର୍ବାଚନ କମିଶନର ପ୍ରଶାସନିକ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଢେଙ୍କାନାଳ ମ୍ୟୁନିସିପାଲିଟିରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଭାଜପା ଅଭିଯୋଗ କରିଛି। ପ୍ରଶାସନିକ ଅଧିକାରୀମାନେ ଶାସକ ଦଳକୁ ସହାୟତା କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଭାବିତ କରୁଥିବା ଦଳୀୟ ନେତୃବୃନ୍ଦ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ପୌରସଂସ୍ଥାର ସଫେଇ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ଲାଗି ବାଧ କରାଯାଉଛି। ଏଭଳି ବେନିୟମ କାର୍ଯ୍ୟରେ ପୌରସଂସ୍ଥାର ପଦସ୍ଥ ଅଧିକାରୀ ଏବଂ କେତେଜଣ ଯନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ପ୍ରତିବାଦ କଲେ ଉପରୁ ଚାପ ପଡୁଥିବା ସେମାନେ କହୁଛନ୍ତି। ସରକାରୀ ଅଧିକାରୀମାନେ ଖୋଲାଖୋଲି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବାବେଳେ ନିର୍ବାଚନ କିଭଳି ନିରପେକ୍ଷ ହେବ ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଛି। ତେଣୁ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଅଭିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲା ବାହାରକୁ ପଠାଇବା ଲାଗି ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ମାତୃପ୍ରସାଦ ନନ୍ଦ ପ୍ରମୁଖ ଦାବି କରିଛନ୍ତି। ନ୍ୟାୟ ନ ମିଳିଲେ ଆନ୍ଦୋଳନ ତୀବ୍ରତର କରାଯିବା ସହ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ୪୦ ଡିଗ୍ରୀ ଛୁଇଁଲା ତାତି

**ଅନୁଗୋଳ ଅଫିସ,୧୬।୩:** ଟାଇଁ ଟାଇଁ ଖରାରେ ତାତୁଛି ଅନୁଗୋଳ। ମଙ୍ଗଳବାର ଏଠାରେ ତାପମାତ୍ରା ୩୯.୭ ଡିଗ୍ରୀ ଥିବାବେଳେ ବୁଧବାର ଏଥିରେ ବୃଦ୍ଧିଘଟି ଚଳିତବର୍ଷ ପ୍ରଥମ ଥର ପାଇଁ ୪୦ ଡିଗ୍ରୀ ଛୁଇଁଛି। ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହ ଆହୁରି ବଢ଼ିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇସାରିଛି। ମାର୍ଚ୍ଚ ତୃତୀୟ ସପ୍ତାହରୁ ତାପମାତ୍ରାରେ ଏପରି ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ମଧାହ୍ନରେ ସହରରେ ଯାତାୟାତ ହ୍ରାସ ପାଉଥିବା ଦେଖିବାକୁ ମିଳୁଛି।

### ଟିକା ନେଲେ ୧୮୦ ପିଲା

**ଅନୁଗୋଳ ଅଫିସ,୧୬।୩:** ୧୨ରୁ ୧୪ ବର୍ଷ ପିଲାଙ୍କ କୋଭିଡ୍ ଟିକାକରଣ ବୁଧବାରଠାରୁ ଅନୁଗୋଳରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲରେ ଟିକାକରଣ କେନ୍ଦ୍ର କରାଯାଇଥିଲା। ଏଠାକୁ ଆସିଥିବା ସହରାଞ୍ଚଳର ୧୮୦ ପିଲାଙ୍କୁ ଭାକ୍ସିନ ଦିଆଯାଇଥିଲା। ଗୁରୁବାରଠାରୁ ଜିଲାବ୍ୟାପୀ ପିଲାଙ୍କ ଟିକାଦାନ ଆରମ୍ଭ ହେବ। କେଉଁ ଅଞ୍ଚଳରେ କେତେ ପିଲା ରହିଛନ୍ତି ତାହାର ହିସାବ କରାଯାଇ ସ୍କୁଲଗୁଡ଼ିକରେ ଟିକାଦାନକେନ୍ଦ୍ର କରାଯିବ। ସକାଳ ୮ଟାରୁ ଅପରାହ୍ନ ୧ଟା ଯାଏ ଏହି କାର୍ଯ୍ୟ ଜାରି ରହିବ ବୋଲି ଏଡିଏମ୍‌ଓ (ଏଫ୍‌ଡବ୍ଲୁ) ଦିଲୀପ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଦିନକରେ ୧୩ ସୁସ୍ଥ

**ଅନୁଗୋଳ ଅଫିସ,୧୬।୩:** ଅନୁଗୋଳ ଜିଲାରୁ ବୁଧବାର କେହି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଫଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୮ ହଜାର ୫୪୬ରେ ସ୍ଥିର ରହିଛି। ପୂର୍ବ ଆକ୍ରାନ୍ତମାନଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୧୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ଦାୟିତ୍ୱ ଗ୍ରହଣ କଲେ ସରପଞ୍ଚ



**ଛେଣ୍ଡିପଦା,୧୬।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତର ନୂତନ ସରପଞ୍ଚ ଭାବେ ଉଦିତ କୁମାର ପ୍ରଧାନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ନିକଟରେ ପୂଜାପାଠ କରିବା ପରେ ଉଦିତ ନିଜ ସମର୍ଥକଙ୍କ ଗହଣରେ ଆସି ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରଙ୍କ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ କୋଶଳା ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଠନ କରିବା ମୂଳ ଲକ୍ଷ୍ୟ ବୋଲି ଉଦିତ୍ ପ୍ରକାଶ କରିଛନ୍ତି।

### କୋଇଲା ଚାଲାଣ, ୨ ଗିରଫ

**କଣିହାଁ,୧୬।୩(ଡି.ଏନ.ଏ.):** ବେଆଇନ କୋଇଲା ଚାଲାଣ ଅଭିଯୋଗରେ କଣିହାଁ ଥାନା ପୋଲିସ ବୁଧବାର ବୌଦବେଡା ଗ୍ରାମର ରଞ୍ଜନ ସାହୁ ଏବଂ ହେମନ୍ତ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, ବୌଦବେଡା ଜଙ୍ଗଲରେ ଚୋରା କୋଇଲା ଡିପୋରେ ଚଢ଼ାଉ ହୋଇଥିଲା। ସେଠାରୁ ଏକ ମିନି ଟ୍ରକ୍ ସହିତ ୫ ଟନ୍ କୋଇଲା ଜବତ ହୋଇଥିଲା। ଏ ନେଇ ନଂ. ୬୭/୨୨ରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

**କଣିହାଁ,୧୬।୩(ଡି.ଏନ.ଏ.):** ଏନ୍‌ଟିପିସି ଟାଉନ ଥାନା ପୋଲିସ ବୁଧବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଇଆଇସି ଦୀପିକା ଦେବୀରାୟ୍ କହିଛନ୍ତି, ୨୦୨୧ରେ ଏକ ଚୋରି ମାମଲାକୁ ନେଇ ସାରଥିପାଳ ଗ୍ରାମର ସୁଶାନ୍ତ ପ୍ରଧାନ(୩୮)ଫେରାର ଥିଲେ। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ବିଶ୍ୱ ଟିକାକରଣ ଦିବସ



**ମାଧପୁର,୧୬।୩:** ଆଠମଲ୍ଲିକ ବ୍ଲକ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ବୁଧବାର ବିଶ୍ୱ ଟିକାକରଣ ଦିବସ ପାଳିତ ହୋଇଛି। ଅତିଥି ଭାବେ ଉପଖଣ୍ଡ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁନୀଲ ପଣ୍ଡା, ଡାକ୍ତର ଅଶ୍ୱିନୀ ଖେତୀ, ଡାକ୍ତର ଅତନୁ ପଟ୍ଟନାୟକ, ବିପିଏମ୍ ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଶାକର୍ମୀ ସୁଶୀଳା ପ୍ରଧାନ, ଗୀତାଞ୍ଜଳି ମାହାର ଏବଂ ସ୍ୱରୂପାରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜ୍ୟ ବାହାରୁ ଆସିବେ କଳାକାର

**ଅନୁଗୋଳ ଅଫିସ, ୧୬।୩**



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ ଜିଲା ମହୋତ୍ସବ ପ୍ରସ୍ତୁତି ବୈଠକ**

କରୋନା ମହାମାରୀ ସଂକ୍ରମଣ କାରଣରୁ ଗତ ୨ବର୍ଷ ହେଲା ଅନୁଗୋଳ ଜିଲା ମହୋତ୍ସବ ଆୟୋଜନ ହୋଇପାରି ନ ଥିଲା। ହେଲେ ଚଳିତବର୍ଷ ଏହା ଧୁମ୍‌ଧାମରେ ଆୟୋଜନ କରାଯିବ। ଏପରି କି ରାଜ୍ୟ ବାହାରୁ କଳାକାରଙ୍କୁ ଆମନ୍ତ୍ରଣ କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ପ୍ରଶାସନ ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଡେପୁଟି କଲେକ୍ଟର ବଇତୁରା ଦିପ୍, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଜିଲାପାଳ କହିଥିଲେ, ଜିଲାର କଳା, ସଂସ୍କୃତି ଓ ଐତିହ୍ୟକୁ ଉଦ୍‌ଜୀବିତ କରିବା ସହ ଲୋକମାନଙ୍କ ମନୋରଞ୍ଜନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଷ୍ଠିତ କଳାକାରମାନଙ୍କୁ ଆମନ୍ତ୍ରଣ କରାଯିବ। ପ୍ରଥମ ୨ ଦିନ ଅର୍ଥାତ୍ ଏପ୍ରିଲ ୮ ଓ ୯ରେ ରାଜ୍ୟ ବାହାର କଳାକାର ଓ ୧୧ ତାରିଖ ଶେଷ ଦିନ ରାଜ୍ୟର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ୪ଟି ସ୍ଥାନରୁ ମଶାଲ ଶୋଭାଯାତ୍ରା ବାହାରିବ। ମହୋତ୍ସବକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରାଯିବ। ମହୋତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ ଉପ କମିଟିମାନ ଗଠନ କରାଯାଇ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯିବ। ଏହି ବୈଠକରେ ଜିଲା ସଂସ୍କୃତି ପରିଷଦର ସମସ୍ତ ସଦସ୍ୟା ସଦସ୍ୟ, ବ୍ଲକ କଳା ସଂସ୍କୃତି ସଂଘ୍ ଉପ ସଭାପତି ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

**ଅନୁଗୋଳ ଅଫିସ,୧୬।୩**

ଅନୁଗୋଳ ବ୍ଲକ ବେଢ଼ାଶାସନ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଗତ ଫେବୃୟାରୀ ୨୪ରେ ଉନ୍ନୟନ କାର୍ଯ୍ୟ ଦ୍ୱାରା ପଞ୍ଚାୟତ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଗୋବିନ୍ଦପୁର ଗ୍ରାମବାସୀ ବୁଧବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୱାର୍ଡ ସଭ୍ୟା ସାବିତ୍ରୀ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଗୋବିନ୍ଦପୁର ସ୍କୁଲଠାରୁ ତେଲିଭୂଇଁ ରାସ୍ତାକୁ ୩ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ କଂକ୍ରିଟରେ ପରିଣତ କରାଯାଇଛି। ଏ ନେଇ ଗ୍ରାମବାସୀ ପ୍ରଶ୍ନ କରିବାରୁ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ କାମ କରାଯାଉଥିବା କୁହାଯାଇଥିଲା। ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ତାଙ୍କ ମୋବାଇଲ ନଂ. ୭୮୯୪୨୨୩୧୨୬ରେ ଯୋଗାଯୋଗ କରିଥିଲେ। ହେଲେ ସେ ଫୋନ ଉଠାଇ ନ ଥିଲେ। ତେଣୁ ଆଚରଣବିଧି ଉଲ୍ଲଂଘନ କରାଯାଇ କିପରି କାର୍ଯ୍ୟ ହେଲା ଓ ମାତ୍ର ୧୫ ଦିନ ପରେ ଉକ୍ତ ରାସ୍ତାରେ ଫାଟ ସୃଷ୍ଟି ହେବା ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ମତାମତ ମିଳିପାରି ନାହିଁ।

## ସ୍ୱାସ୍ଥ୍ୟ, ଆଶାକର୍ମୀଙ୍କୁ ପୁରସ୍କାର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ପୁରସ୍କୃତ ୩ ଆଶାକର୍ମୀ।

**ଛେଣ୍ଡିପଦା,୧୬।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ବୁଧବାର ଜାତୀୟ ଟିକାକରଣ ଦିବସ ପାଳିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନର ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ପାଣି ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଜାତୀୟ ଟିକାକରଣ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ଘୋଷଣା ଅନୁଯାୟୀ ଗତ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ରାଇଝରଣ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ରତ୍ନପ୍ରଭା ଦେହୁରୀ, ତୁକୁଡା ଗ୍ରାମ ଆଶାକର୍ମୀ ଲକ୍ଷ୍ମୀ ସାହୁ, ବ୍ରାହ୍ମଣବିଲ ଆଶାକର୍ମୀ କୁସୁମ ବାରିକଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ହେମନ୍ତ ସାହୁ, ନିରାକାର ସାହୁ, ଚିତ୍ତରଞ୍ଜନ ଦେହୁରୀ, ସୁମନ୍ତ ସାହୁ, ସୁଧୀର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଛେଣ୍ଡିପଦା ବ୍ଲକର ଏଏନ୍‌ଏମ୍, ଆଶା ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ମଣ୍ଡପକୁ ଆସିଲା ଶୁଭ ମାଟି

**ଅନୁଗୋଳ ଅଫିସ, ୧୬।୩**



ମାଟି ଉଠାଣ ପାଇଁ ପୂଜା ଚାଲିଛି।

ଅନୁଗୋଳ ସହର ଅମଲାପଡାସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ବୁଧବାର ମାଟି ଉଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ଉତ୍ତରପଡା ବିଦ୍ୟାଳୟ ପରିସରରେ ଥିବା ବେଲଗଛ ମୂଳରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ମାଟିକୁ ମା'ଙ୍କ ମଣ୍ଡପ ଯାଏ ଅଣାଯାଇଥିଲା। କର୍ତ୍ତା ଭାବେ ବନବିହାରୀ ପଟ୍ଟନାୟକ, ପୂଜକ ଭାବେ ଅଶୋକ କର କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ ଦେବତା, ପୂଜା କମିଟି ସମ୍ପାଦକ ଅନୁପ ମହାନ୍ତି, ବସଲା ସରପଞ୍ଚ ଚନ୍ଦନ କୁମାର ସାହୁ, ପ୍ରତାପ ମାଝି, ମନୋଜ ପ୍ରଧାନ, ଟିଟ ପଟ୍ଟନାୟକ, ଟୁଟୁ ପ୍ରଧାନ, ଅନିଲ ପଟ୍ଟନାୟକ, ଯତୀନ ସେଠୀ, ସିପୁ ପଟ୍ଟନାୟକ, ଶିବ ସାହୁ, ମନୋରଞ୍ଜନ ମହାନ୍ତି, ବିଜୁ ରାଉତ, ଅମ୍ବିକା ଦେବତା, ତାପସ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## 'ଜିତିଲେ ବିକାଶ ଉପରେ ଅଧିକ ଗୁରୁତ୍ୱ'

**ଅନୁଗୋଳ ଅଫିସ,୧୬।୩**

ଅନୁଗୋଳ ପୌର ନିର୍ବାଚନ ପାଇଁ ସହରରେ ରାଜନୀତି ସରଗରମ ଥିବାବେଳେ ବୁଧବାର ବିଜେଡି ନଗରପାଳ ପ୍ରାର୍ଥୀ ଅକ୍ଷୟ କୁମାର ସାମନ୍ତ ଏକ ଖବରଦାତା ସମ୍ମିଳନୀରେ ଅନୁଗୋଳର ଅଧିକ ବିକାଶ କରାଯିବା ସମ୍ପର୍କରେ ମତ ରଖିଛନ୍ତି। ସେ କହିଛନ୍ତି, ପୌର ନିର୍ବାଚନରେ ବିଜୟୀ ହେଲେ ରାସ୍ତା ସଫେଇର ଆଧୁନିକୀକରଣ, ବସ୍ତି ବାସିନ୍ଦାଙ୍କୁ ପଟ୍ଟା, ୨୪ ଘଣ୍ଟା ପାନୀୟ ଜଳ, ଟ୍ରାଫିକ ବ୍ୟବସ୍ଥାରେ ସୁଧାର, ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ୍, କାଞ୍ଜିଆହୁଦା, ଟ୍ରକ୍ ଟର୍ମିନାଲ, ପୌର କାର୍ଯ୍ୟାଳୟରେ ଏକ ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯିବ। ପୂର୍ବରୁ ନଗରପାଳ ଥିବା ସମୟରେ ସହରରେ ଅନେକ ବିକାଶ କାର୍ଯ୍ୟ କରିଥିବା ସାମନ୍ତ ସୂଚନା ଦେଇଥିଲେ।



ରଙ୍ଗରପର୍ବ ହୋଲି ପାଇଁ ଅନୁଗୋଳ ସହରରେ ଜଣେ ବ୍ୟବସାୟୀ ରଙ୍ଗର ପସରା ଖୋଲି ବସିଛନ୍ତି। (ଫଟୋ-ବୁବୁ)

## 'ଲୋକଙ୍କ କାମ କରି ପ୍ରିୟଭାଜନ ହୁଅ'

**ବଇଣ୍ଡା,୧୬।୩(ଡି.ଏନ.ଏ.)**

ରାଜ୍ୟ ସରକାର ଲୋକଙ୍କ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡିକ କିଭଳି ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ପଞ୍ଚାୟତ ପ୍ରତିନିଧିମାନେ ଯତ୍ନବାନ ହେବା ଆବଶ୍ୟକ। ପ୍ରତ୍ୟେକ କ୍ଷେତ୍ରରେ ଲୋକଙ୍କ କାମ କରିବା ସହ ତାଙ୍କ ସୁଖଦୁଃଖରେ ସାମିଲ ହୋଇ ପ୍ରିୟଭାଜନ ହୁଅ ବୋଲି ମଙ୍ଗଳବାର ବଇଣ୍ଡା କଲ୍ୟାଣ ମଣ୍ଡପଠାରେ ବିଜେଡିର ନବନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଉପସ୍ଥିତ ସମ୍ବଲପୁର ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ମତପ୍ରକାଶ କରିଛନ୍ତି। ଦଳକୁ କିଭଳି ତୃଣମୂଳସ୍ତରରୁ ମଜଭୁତ୍ କରାଯିବା ସହ ବିଭିନ୍ନ ଗ୍ରାମରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜିଲାପରିଷଦ ସଭାପତି ବବିତା ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ବିଜେଡି ନେତା ଅର୍ଜୁନ ସାହୁ, ପରିବେଶବିତ୍ ପ୍ରଶ୍ନ ବେହେରା, ଲୁହାମୁଣ୍ଡା ସରପଞ୍ଚ କୁମୁଦ ସାହୁ, କଟରଙ୍ଗା ସମିତିସଭ୍ୟ ମୀନକେତନ ବେହେରା, ସୁନୀଲ ବେହେରା, ସାପଘରା ସରପଞ୍ଚ କୈଳାସ ସାହୁ, ସନ୍ତୋଷ ପ୍ରଧାନ, ତପନ ସାହୁଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ପରିଷଦ ସଭାପତିଙ୍କ ସମେତ ଅନ୍ୟମାନେ।

## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଅଧ୍ୟକ୍ଷା

**ଛେଣ୍ଡିପଦା,୧୬।୩(ସ୍ୱ.ପ୍ର.)**

ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ ବୁଧବାର ବ୍ଲକ ଅଫିସରେ ପହଞ୍ଚି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ବ୍ଲକ ବିଜେଡି ସଭାପତି ଶରତ କୁମାର ଗଡନାୟକଙ୍କ ନେତୃତ୍ୱରେ ଛେଣ୍ଡିପଦା ଜଗନ୍ନାଥ ମନ୍ଦିରଠାରେ ନବ ନିର୍ବାଚିତ ସମିତି ସଭ୍ୟ, ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ବେହେରା, ଦଳୀୟ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାଶ, ୧୭ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଭାନୁପ୍ରିୟା ପ୍ରଧାନ, ୧୬ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ଉପସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ସଭାପତି ଆଶିଷ କୁମାର ପ୍ରଧାନ, ବ୍ଲକ ମହିଳା ବିଜେଡି ସଭାପତି ତୃପ୍ତି ମଞ୍ଜରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଅଧ୍ୟକ୍ଷା ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ଛେଣ୍ଡିପଦା ବ୍ଲକକୁ ଏକ ଆଦର୍ଶ ବ୍ଲକ ଭାବେ ଗଢ଼ିତୋଳିବା ପାଇଁ ଅଧ୍ୟକ୍ଷା ପ୍ରତିଶ୍ରୁତି ଦେବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଡାକ୍ତରଖାନାର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ରାକେଶ ପ୍ରଧାନ, ସରପଞ୍ଚ ରାମଚନ୍ଦ୍ର ବେହେରା, ଅମରେଶ ନାଥ, ଛାତ୍ର ବିଜେଡି ସଭାପତି ବିଷ୍ଣୁ ଚରଣ ବେହେରାଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।



ବିଧାୟକ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅଧ୍ୟକ୍ଷା ଦାୟିତ୍ୱଗ୍ରହଣ କରୁଛନ୍ତି।

## ୧୦୬ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୧୬।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଅଁରପାଳ ବ୍ଲକ ତୁବେ ପଞ୍ଚାୟତରେ ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦିନେଶ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୦୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସରପଞ୍ଚ ଅନୀଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ, ଜିଲା ପରିଷଦ ସଦସ୍ୟ ଦିଲୀପ ପ୍ରଧାନ ଓ ପ୍ରଦୀପ କୁମାର ସାହୁ, ଚୈତନ୍ୟ କୁମାର ସାହୁ, ଦୁଷ୍ମନ୍ତ ପ୍ରଧାନ, ପ୍ରଶାନ୍ତି ବେହେରା, ମୀନାକ୍ଷୀ ବେହେରା ଉପସ୍ଥିତ ଥିଲେ। ସତ୍ୟବ୍ରତ ପ୍ରଧାନ, ରଞ୍ଜିତ ପ୍ରଧାନ, ସଞ୍ଜୟ ବେହେରା, ସରୋଜ ସାହୁ, ସଞ୍ଜୟ ବିଶ୍ୱାଳ, ଉମାକାନ୍ତ ସାହୁ ପରିଚାଳନା କରିଥିଲେ।

## ଫଗୁ ଦଶମୀରେ ବାଦଦଣ୍ଡ

**କଣିହାଁ,୧୬।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ପଟ୍ଟାଖମଣ ଗ୍ରାମରେ ବାର୍ଷିକ ଫଗୁ ଦଶମୀ ପର୍ବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହା ଗାଁର ବଡ଼ ଉତ୍ସବ ହୋଇଥିବାରୁ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା। ରାଧାକୃଷ୍ଣ ବିମାନକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ମନୋରଞ୍ଜନ ପାଇଁ ବାଦଦଣ୍ଡ ପ୍ରତିଯୋଗିତା ହୋଇଥିଲା। ଆଖପାଖ ଗ୍ରାମର ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ରଞ୍ଜିତା ବେହେରା, ସମିତି ସଭ୍ୟାଙ୍କ ପ୍ରତିନିଧି ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।



ପଞ୍ଚାୟତ ସମିତି ଅଧ୍ୟକ୍ଷ ନାମ ସଂକୀର୍ତ୍ତନ ଦଳକୁ ଭେଟି ଆଶୀର୍ବାଦ ଭିକ୍ଷା କରୁଛନ୍ତି।

# ଆଖିଦୃଶିଆ ଉନ୍ନୟନ ହେଉ

| ଅନୁଗୋଳ ୱାର୍ଡ ନଂ. ୮ | |
|---|---|
| ମୋଟ ଜନ ସଂଖ୍ୟା | ୧୮୦୫ |
| ଭୋଟରଙ୍କ ସଂଖ୍ୟା | ୧୫୯୧ |
| ମହିଳା ଭୋଟର | ୮୨୭ |
| ପୁରୁଷ ଭୋଟର | ୭୬୩ |



**ଅନୁଗୋଳ ଅଫିସ,୧୬।୩**

ପୌର ନିର୍ବାଚନ ପାଇଁ ପ୍ରଚାରରେ କମ୍ପୁଛି ଅନୁଗୋଳ ସହର। ୱାର୍ଡର ଘର ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି ନଗରପାଳ ଓ କାଉନସିଲର ପ୍ରାର୍ଥୀ। ଏଥିସହ ବର୍ଷ ବର୍ଷ ଧରି ଥିବା ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମଧ ଦେଉଛନ୍ତି। ଅନୁଗୋଳ ପୌରାଞ୍ଚଳର ୮ନଂ. ୱାର୍ଡରେ ମଧ ସମାନ ସ୍ଥିତି। ପୋଷ୍ଟର, ବ୍ୟାନରରେ ଛାଉଣି ହୋଇଗଲାଣି ବିଭିନ୍ନ ଛକ। ସପ୍ତାହେ ପରେ ଭୋଟ ଗ୍ରହଣ ଥିବାରୁ ଏଥିପାଇଁ ଉତ୍ସାହିତ ଅଛନ୍ତି ଭୋଟର। ରାସ୍ତା, ପାନୀୟ ଜଳ ଓ ଡ୍ରେନ୍ ସମସ୍ୟା ଏହି ୱାର୍ଡରେ ସେପରି ନ ଥିଲେ ମଧ ଆଖିଦୃଶିଆ ଉନ୍ନୟନକୁ ଚାହିଁରହିଛନ୍ତି ଲୋକେ।

ଅନୁଗୋଳ ପୌରାଞ୍ଚଳର ହୁଲୁରିସିଂହା ଅଞ୍ଚଳକୁ ନେଇ ୮ନଂ. ୱାର୍ଡ ଗଠିତ। ଏଠାକାର ଲୋକ ସଂଖ୍ୟା ୧୮୦୫ ହୋଇଥିବା ବେଳେ ୧୫୯୧ ଭୋଟର ଅଛନ୍ତି। ତେବେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ୱାର୍ଡରେ ଅଧିକ। ସହରର ଅନ୍ୟ ୱାର୍ଡପରି ଏଠାରେ ଡ୍ରେନ୍ ଓ ଆବର୍ଜନା ପରିଚାଳନାରେ ଅବ୍ୟବସ୍ଥା ସେତେଟା ନାହିଁ। କିନ୍ତୁ ସ୍କୁଲ ପିଲାଙ୍କ ଖେଳକୁଦ ପାଇଁ ପାର୍କଟିଏ ନାହିଁ କି ସାମାଜିକ ଅବା ପାରିବାରିକ କାର୍ଯ୍ୟକ୍ରମ ପାଇଁ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇ ନାହିଁ। ଏହି କାରଣରୁ ୱାର୍ଡବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତୀତରେ ଏଠାରୁ ବିଜୟୀ ହୋଇଥିବା ଅନେକ ଜନପ୍ରତିନିଧି ଏ ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପୂରଣ ହୋଇପାରି ନାହିଁ। ୱାର୍ଡବାସୀ ନୀଳାଞ୍ଚଳ ପ୍ରଧାନ କହିଛନ୍ତି, ଚଳିତ ନିର୍ବାଚନରେ ବିଜେଡିରୁ ବିଚିତ୍ର ନାଏକ, ଭାଜପାରୁ କୈଳାସ ପ୍ରଧାନ, କଂଗ୍ରେସରୁ ବିଜୁ ଭୋଇ ଓ ବିଷ୍ଣୁଚରଣ ମିଶ୍ର ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଯିଏ ବି କାଉନସିଲର ନିର୍ବାଚିତ ହେବେ, ସେ ପିଲାଙ୍କ ପାର୍କ ଓ କଲ୍ୟାଣମଣ୍ଡପ ନିର୍ମାଣ କରିପାରିଲେ ଲୋକେ ଖୁସି ହେବେ। ସେମାନଙ୍କ ଦୀର୍ଘବର୍ଷର ସମସ୍ୟାର ସମାଧାନ ହୋଇପାରିବ।

## ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବିବାହିତ ଯୁବକ ଦୋଳ ଗୋବିନ୍ଦ ମୁଣ୍ଡାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗତ ସୋମବାର ଯୁବତୀ ଜଣକ ଗ୍ରାମ୍ୟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଗୋବିନ୍ଦ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ଗ୍ରାମସଭା ହେବା ପରେ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଗୋପୀନାଥପୁର ରେଳଷ୍ଟେଶନ ପାଇଁ ୪୮.୩୬ କୋଟି ମଞ୍ଜୁର

ସଜନାଗଡ, ୧୬।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରିବାସୀଙ୍କ ବହୁ ଦିନର ସପ୍ନ ସାକାର ହେବାକୁ ଯାଉଛି। ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇଆସୁଥିଲା। ନୀଳଗିରିରେ ଭିତ୍ତିଭୂମି ଥାଇ ମଧ ରେଳ ଚଳାଚଳ ହେଉ ନ ଥିବା କଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କଠାରେ ପ୍ରସ୍ତାବ ରଖିଥିଲେ। ଏମ୍‌ପି ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ନୀଳଗିରିରେ ନୂତନ ରେଳଷ୍ଟେଶନ ନିର୍ମାଣ କରାଯିବା ଉଦ୍ଦେଶ୍ୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ଜାନୁୟାରୀ ୭ରେ ନୀଳଗିରି ନିକଟ ଗୋପୀନାଥପୁରଠାରେ ପହଞ୍ଚି ନୂତନ ଷ୍ଟେଶନର ଶିଳାନ୍ୟାସ କରିଥିଲେ। ଏହା ପରେ ଏବେ ରେଲୱେ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଷ୍ଟେଶନ ନିର୍ମାଣ ନିମନ୍ତେ ୪୮.୩୬କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଚିଠି ମାଧମରେ ଜଣାଯାଇଛି। ଉକ୍ତ ଟଙ୍କାରେ ଗୋପୀନାଥପୁରଠାରେ ନୂତନ ରେଳଷ୍ଟେଶନ ନିର୍ମାଣ ହେବା ସହ ସିଗନାଲ, ଟ୍ରାକ୍ ଫିଟ, ବିଦ୍ୟୁତୀକରଣରେ ଖର୍ଚ୍ଚ ହେବ ବୋଲି ନିର୍ଦ୍ଦେଶ ରହିଛି।

### ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଯୋଡା,୧୬।୩(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଦେଓଝର ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ନାଏକସାହିରେ ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କନକ ସେଠୀ। ଅଭିଯୁକ୍ତ ସ୍ୱାମୀ ଦାଶରଥୀ ଫେରାର ଥିବା ଜଣାପଡ଼ିଛି। ସୋମବାର ରାତିରେ ଏହି ଘଟଣା ଘଟିଥିବା ବେଳେ ମଙ୍ଗଳବାର ସକାଳୁ ସ୍ୱାମୀ ଦାଶରଥୀ ଘର ପିଣ୍ଡାରେ ପଡ଼ିଥିବା ରକ୍ତ ଛିଟାକୁ ଗୋବରରେ ଲିପି ତାଙ୍କର ୩ ବର୍ଷର ଝିଅକୁ ଧରି ଘର ଛାଡ଼ି ଚାଲି ଯାଇଥିଲେ। ଦିନ ତମାମ କନକଙ୍କ ମୃତଦେହ ଘରେ ପଡ଼ିରହିଥିଲା। ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ମଙ୍ଗଳବାର ସନ୍ଧ୍ୟାରେ ସେମାନେ ତାଙ୍କ ଘରକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ଯୋଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବୁଧବାର ସକାଳୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଯୋଗ୍ୟ, ମୃତକ କନକ ପୂର୍ବରୁ ବଡ଼ବିଲର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ପରେ ଦାଶରଥୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

### ଯୋଗଦେଲେ ନୂତନ ସଂସ୍କୃତି ଅଧିକାରୀ

ଭଦ୍ରକ ଅଫିସ, ୧୬।୩-ଭଦ୍ରକ ଜିଲାର ନୂତନ ସଂସ୍କୃତି ଅଧିକାରୀ ଭାବେ ତନୁଜା ସିର୍କା ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ମୟୂରଭଞ୍ଜ ଜିଲା ସଂସ୍କୃତି ଅଧିକାରୀ ଭାବେ ୮ ବର୍ଷ କାଳ କାର୍ଯ୍ୟ କରିଛନ୍ତି। ପ୍ରକାଶ ଥାଉକି, ଭଦ୍ରକ ଜିଲା ସଂସ୍କୃତି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲା ଦିନଠାରୁ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ତୁଲାଇ ଆସୁଥିଲେ।

### ଧରାପଡ଼ିଲେ ୪ ଲୁଟେରା

ବାରିପଦା ଅଫିସ,୧୬।୩: ମୟୂରଭଞ୍ଜ ଜିଲା ବାରିପଦା ଟାଉନଥାନା ପୋଲିସ ୪ ଲୁଟେରାଙ୍କୁ କାବୁ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ଜଖପୁରା ଥାନା ରାବଣା ଗ୍ରାମର ତୋଫାନ ପ୍ରଧାନ, ଦାଶମାଣିଆ ଗ୍ରାମର ଆୟୁଲ ଶେଖର ଓ ଅନ୍ୟ ଦୁଇ ଜଣ ନାବାଳକ ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କଠାରୁ ସୁନାଗହଣା, ମାରଣାସ୍ତ୍ର, ଡିକି ଭାଙ୍ଗିବା ଅସ୍ତ୍ର, ୧୨ହଜାର ୨ଶହ ଟଙ୍କା, ୨ଟି ବାଇକ, ମୋବାଇଲ ଫୋନ ଆଦି ଜବତ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଏସଡିପିଓ କେ.କେ.ହରିପ୍ରସାଦ ଓ ଟାଉନ ଥାନାଧିକାରୀ ବିରେନ୍ଦ୍ର ସେନାପତି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

### ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି

କୁଆମରା,୧୬।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ର୍‍ୟାକେଟ ସକ୍ରିୟ ହୋଇ ପଡ଼ିଛନ୍ତି। ଦୁଇ ଦିନ ତଳେ କହ୍ନେଇବନ୍ଧଠାରେ ଥିବା ଟାୱାରରୁ ଦୁର୍ବୃତ୍ତମାନେ ବ୍ୟାଟେରି ଚୋରି କରି ନେଇଥିବା ବେଳେ ଗତ ରାତିରେ ପୁଣି ବାସିପିଠାସ୍ଥିତ ମୋବାଇଲ ଟାୱାରରୁ ୨୪ଟି ବ୍ୟାଟେରି ନେଇ ଯାଇଛନ୍ତି। ଅଭିଯୋଗ ପାଇ ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ, ଏସ୍‌ଆଇ ପ୍ରଦୀପ କୁମାର ବେହେରା, ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ଼ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଚୋରି ହୋଇଥିବା ବ୍ୟାଟେରିର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି।

# ପ୍ରାର୍ଥୀଙ୍କ ପ୍ରତିଶ୍ରୁତି ଉପରେ ଭୋଟରଙ୍କ ଭରସା ପାଉନି

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୬।୩



ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀ।

ବାଲେଶ୍ୱର ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଚୂଡାନ୍ତ ହେବା ପରେ ଅଧ୍ୟକ୍ଷ ଓ କାଉନ୍‌ସିଲର ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ପ୍ରାର୍ଥୀମାନେ ୱାର୍ଡ଼ର ଘରକୁ ଘର ବୁଲି ଲୋକମାନଙ୍କୁ ସାକ୍ଷାତ୍ କରି ବ୍ୟକ୍ତିଗତ ଓ ୱାର୍ଡ଼ର ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଉଥିବା ବେଳେ ଭୋଟରମାନେ ଏହାର କଡ଼ା ଜବାବ ଦେଉଛନ୍ତି। ୱାର୍ଡ଼ ସମସ୍ୟା ସୁଧାରିବା ଲାଗି ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେଉଥିଲେ ମଧ ଭୋଟରମାନେ ତାହାକୁ ଗ୍ରହଣ କରିପାରୁନାହାନ୍ତି। ବାଲେଶ୍ୱର ପୌରାଞ୍ଚଳର ୧୬ନଂ. ୱାର୍ଡ଼ ସହରର ଏକ ପ୍ରମୁଖ ଅଞ୍ଚଳ। ଯେଉଁଠି ଫକୀରମୋହନ ମହାବିଦ୍ୟାଳୟଠାରୁ ଆରମ୍ଭ କରି ବହୁ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଏଠାରେ ଭୋଟରଙ୍କଠାରୁ ଅଧିକ ଛାତ୍ରୀଛାତ୍ର ଅଛନ୍ତି। ଉକ୍ତ ଅଞ୍ଚଳ ବ୍ୟବସାୟୀମାନଙ୍କୁ ସୁହାଉଛି। ଏହି ଅଞ୍ଚଳ ସମସ୍ୟାବହୁଳ। ପ୍ରାର୍ଥୀମାନେ ପ୍ରଚାର ଲାଗି ଗଲେ ଭୋଟରମାନେ ପାନୀୟଜଳ ଯୋଗାଣଠାରୁ ଆରମ୍ଭ କରି ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ ଓ ନବୀକରଣ ସହ ପୋଖରୀ ପୁନରୁଦ୍ଧାର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରୁଛନ୍ତି।

୧୬ନଂ. ୱାର୍ଡ଼ ପତୁଆଁପଦାର ଆଂଶିକ, ବିବିଦେ ରୋଡର ଆଂଶିକ, ଏସ୍‌କେ ଅଗସ୍ତି ରୋଡର ଆଂଶିକ, ଫକୀରମୋହନ କଲେଜରୋଡ ଓ ଜେଲରୋଡ ପାର୍ଶ୍ୱ ଅଞ୍ଚଳକୁ ନେଇ ଗଠିତ। ଏଠାରେ ୩୫୫ ପରିବାରରେ ମୋଟ ୨୨୨୨ ଭୋଟର ଅଛନ୍ତି। ସେଥିମଧ୍ୟରୁ ୧୧୪୨ ପୁରୁଷ ଓ ୧୦୮୦ ମହିଳା ଭୋଟର ଅଛନ୍ତି। ୱାର୍ଡ଼ର ଏକାଧିକ ସମସ୍ୟାକୁ ନେଇ ଲୋକେ ସ୍ୱର ଉଠାଇଛନ୍ତି। ବିଶେଷ କରି ଏହି ୱାର୍ଡ଼ର ପୁରାତନ 'ନୂଆ ପୋଖରୀ'ର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବନ୍ଦ ରହିବାକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଖରୀ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ, ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଆଦି ପାଇଁ ୫୦ଲକ୍ଷରୁ ଅଧିକ ଟଙ୍କାର ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲା। ୭ମାସ ପୂର୍ବରୁ ଏହି ପ୍ରକଳ୍ପର ଶିଳାନ୍ୟାସ ଶେଷ ହୋଇଥିଲା। ମାତ୍ର ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅନ୍ୟପକ୍ଷରେ ଏହି ପୁନରୁଦ୍ଧାର କାର୍ଯ୍ୟ ହେବ ବୋଲି ଦୁଇବର୍ଷ ପୂର୍ବରୁ ପୋଖରୀକୁ ଶୁଖାଇ ଦିଆଯାଇଥିଲା। ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେଥିପାଇଁ ପୂଜା ପାର୍ବଣ, ବିବାହ ବ୍ରତରେ ଘଟ ଉତ୍ତୋଳନ ଓ ଅନ୍ୟ କର୍ମକାଣ୍ଡ ସହ ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମ ପାଇଁ ୱାର୍ଡ଼ବାସୀ ଅନ୍ୟତ୍ର ଯାଉଛନ୍ତି। ସେହିପରି ଦୀର୍ଘଦିନରୁ ଲାଗି ରହିଥିବା ପାନୀୟଜଳ ସମସ୍ୟା କ୍ରମଶଃ ଜଟିଳ ହେବାରେ ଲାଗିଛି। ପୂର୍ବରୁ ଥିବା ପାଇପ୍ ପାଣି ବ୍ୟବସ୍ଥା ୱାର୍ଡ଼ର ସମସ୍ତ ପରିବାରଙ୍କ ପାଇଁ ପର୍ଯ୍ୟାପ୍ତ ହେଉ ନ ଥିବା ବେଳେ ଉକ୍ତ ଅଞ୍ଚଳକୁ ଠିକ୍ ଭାବେ ପାଣି ମଧ ଯାଇ ନ ଥିଲା। ବାରମ୍ବାର ଅଭିଯୋଗ ପରେ ଗତବର୍ଷ ଆଉ ଏକ ଗଭୀର ନଳକୂପ ଖନନ ସହ ପାଇପ୍‌ରେ

### ୱାର୍ଡ଼ ନଂ.୧୬

ପାଣି ଯୋଗାଣ କରାଗଲା। ମାତ୍ର ଏଥିରୁ ବାହାରୁଥିବା କାଦୁଅ ପାଣିକୁ ନେଇ ଲୋକେ ବାରମ୍ବାର ଆପତ୍ତି କରିବା ପରେ ମଧ କୌଣସି ପ୍ରତିକାର ହେଉ ନ ଥିବା ୱାର୍ଡ଼ବାସୀ ଆରୋପ କରିଛନ୍ତି। ସେହିଭଳି ପ୍ରୁଫ ରୋଡ଼ରୁ ଏହି ୱାର୍ଡ଼ ଦେଇ ଫକୀରମୋହନ କଲେଜ ହଷ୍ଟେଲ ଦେଇ ଯାଉଥିବା ମୁଖ୍ୟ ରାସ୍ତା ଓ ଜେଲ ରୋଡରୁ ବିବେକାନନ୍ଦ ମାର୍ଗ ପର୍ଯ୍ୟନ୍ତ ରାସ୍ତା ପାଇଁ ଅନୁଦାନ ମଞ୍ଜୁରୀକୁ ବର୍ଷେ ବିତିଛି। ମାତ୍ର ମାସେ ପୂର୍ବରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ତଥା ଅଧପନ୍ତରିଆ ଭାବେ ଚାଲିଛି। ନିର୍ମାଣାଧୀନ ରାସ୍ତାଘାଟ ଓ ନାଳ କାର୍ଯ୍ୟ ଯୋଗୁ ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ନିର୍ବାଚନରେ ପ୍ରତିଶ୍ରୁତି ଶୁଣି ଶୁଣି ଦେହସୁହା ହୋଇଯାଇଥିବା ସାଧାରଣ ଲୋକେ ଦୀର୍ଘ ଅଢ଼େଇ ବର୍ଷ ବିଳମ୍ବରେ ହେଉଥିବା ପୌର ନିର୍ବାଚନରେ ପ୍ରାର୍ଥୀଙ୍କ କୌଣସି କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ସୂଚନା ଯେ, ଗତ ୨୦୧୩ ପୌରନିର୍ବାଚନରେ ଏହି ୱାର୍ଡ଼ର କାଉନ୍‌ସିଲର ପଦ ଅଣସଂରକ୍ଷିତ ଥିବା ବେଳେ ଚଳିତ ନିର୍ବାଚନରେ ଏହା ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

# ନିର୍ମାଣ ହେଉନି ପ୍ରାଣୀ ଚିକିତ୍ସାକେନ୍ଦ୍ର

ବଇଣ୍ଡା,୧୬।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାଠାରେ ନୂତନ ପ୍ରାଣୀ ଚିକିତ୍ସାକେନ୍ଦ୍ର ନିର୍ମାଣ ହେଉନାହିଁ। ଫଳରେ ରୋଗରେ ପଡୁଥିବା ବହୁ ସଂଖ୍ୟକ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ହୋଇପାରୁ ନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ବଇଣ୍ଡାଠାରେ ଏକ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ବଇଣ୍ଡା ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା କିଶୋରନଗର ବ୍ଲକସ୍ଥିତ ବଇଣ୍ଡାଠାରେ ଏକ ପ୍ରାଣୀ ଚିକିତ୍ସାକେନ୍ଦ୍ର ସ୍ଥାପନ ହୋଇଥିଲା। ଏହା ଉପରେ ବଇଣ୍ଡା, ନୁନୁକାପଶି, କଦଳୀମୁଣ୍ଡା, ଗାଁ ବଇଣ୍ଡା, ଶରଧାମୁଣ୍ଡା, ଆନନ୍ଦମୁଣ୍ଡା, ବଡହୁଲା, ସାନଗୋବିନ୍ଦପୁର ଆଦି ଅଞ୍ଚଳବାସୀ ରଖିଥିବା ଗୋରୁ, ଛେଳି, ମେଣ୍ଢା ଆଦିଙ୍କ ଚିକିତ୍ସା ହେଉଥିଲା। ହେଲେ ଏହି ଡାକ୍ତରଖାନା ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ୧୯ ଏପ୍ରିଲ ୨୦୧୯ରେ ଭଙ୍ଗାଯାଇଥିଲା। ସେବେଠାରୁ ଆଉ ନୂତନ ପ୍ରାଣୀ ଡାକ୍ତରଖାନା ନିର୍ମାଣ ହେଉନାହିଁ। ଫଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରାଯାଇପାରୁ ନାହିଁ। ବଇଣ୍ଡା ଓ ଏହାର ଆଖପାଖ ଅଞ୍ଚଳର ଗୋରୁମାନଙ୍କ ଠାରେ କିଛିଦିନ ହେବ ଅଜଣା ରୋଗ ବ୍ୟାପୁଥିବାବେଳେ ହଠାତ ସେମାନଙ୍କ ମୃତ୍ୟୁ ହେଉଛି। ରବିବାର ବଇଣ୍ଡା ଛକରେ ଏକ ଗାଈର ମୃତ୍ୟୁ ହୋଇଛି। ରମେଶ ଚନ୍ଦ୍ର ଟିବ୍ରୱାଲାଙ୍କ ବାଛୁରୀ ମରିଯାଇଛି। କେତେଜଣ ଲୋକ ଅସୁସ୍ଥ ଗୋରୁଙ୍କୁ ନେଇ ୭ କି.ମି. ଦୂର ହଣ୍ଡପା ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ଯାଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେଇ ବଇଣ୍ଡାଠାରେ ଏକ ନୂତନ ପ୍ରାଣୀଡାକ୍ତରଖାନା ନିର୍ମାଣ କରିବା ପାଇଁ ବରିଷ୍ଠ ନାଗରିକ ଭଗବାନ ଘିୱାଲା, ରମାକାନ୍ତ ବେହେରା, ସୁନୀଲ ପ୍ରଧାନ, ସୁଧୀର ପ୍ରଧାନ, ମାନସ ସାହୁ, ପରିକ୍ଷିତ ସାହୁ, ଜିତେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ଟିବ୍ରୱାଲା, ରମେଶ ବେହେରା, ଦୀପକ ବେହେରା ପ୍ରମୁଖ ଦାବି କରିଛନ୍ତି। ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି କହିଛନ୍ତି, ନୁନୁକାପଶି ଅଞ୍ଚଳରେ ପ୍ରାଣୀ ଚିକିତ୍ସାକେନ୍ଦ୍ର ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ଏ ନେଇ ବିଡିଓଙ୍କୁ ଅବଗତ କରାଯାଇଛି।

## ଭତ୍ତା ଆଣିବାକୁ ଯାଇ ବାଟରେ ଟଳି ପଡ଼ିଲେ ବୃଦ୍ଧ

ଖଇରା,୧୬।୩(ଡି.ଏନ.ଏ.)

ବୁଧବାର ଥିଲା ଭତ୍ତା ବାରି। ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ନୂଆଗାଁ ବଡ ଗ୍ରାମର ମାୟାଧର ବାରିକ(୭୫) ସକାଳୁ ତରବର ହୋଇ ବଙ୍କୁଲି ବାଡି ଧରି ପଞ୍ଚାୟତ ଅଫିସକୁ ବାହାରି ପଡିଥିଲେ। କେନାଲ ରାସ୍ତା ଦେଇ ଯାଉଥିବା ବେଳେ ହଠାତ୍ ଗୋଡ ଖସିଯିବାରୁ ସେ ତଳେ ପଡି ଯାଇଥିଲେ। ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଠାଇବା ବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏହି ଖବର ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।

## ଦାୟିତ୍ୱ ଗ୍ରହଣ କଲେ କଣିହାଁ ବ୍ଲକ ଅଧ୍ୟକ୍ଷ



ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱଗ୍ରହଣ ବେଳେ ବିଧାୟକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କଣିହାଁ,୧୬।୩(ଡି.ଏନ.ଏ.)

କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ସମଲ ପଞ୍ଚାୟତର ସମିତି ସଭ୍ୟ ରାମକୃଷ୍ଣ ପ୍ରଧାନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପୂର୍ବରୁ ରାମକୃଷ୍ଣଙ୍କ ସହିତ ପାଲଲହଡା ବିଧାୟକ ମୁକେଶ ପାଲ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ରଶ୍ମିତା ବେହେରା, ରଶ୍ମିତା ସେଠୀ, ବିଜେଡି ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ ଓ ବିଜେଡି ସମର୍ଥିତ ସମିତି ସଭ୍ୟ, ସରପଞ୍ଚମାନେ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। କଣିହାଁ ବଜାରରେ ଥିବା ପବିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପେକ୍ଷୀରେ ନବନିର୍ବାଚିତ ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ, ସମିତି ମେମ୍ବର ଓ ସରପଞ୍ଚମାନଙ୍କୁ ପ୍ରଜାମଣ୍ଡଳ ଭବନ ଓ ପବିତ୍ରମୋହନ ସଭାଗୃହରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସରକାରୀ ଯୋଜନାର ସଦ୍‌ଉପଯୋଗ ସହିତ ବ୍ଲକ ବାସିନ୍ଦାଙ୍କ ସମସ୍ୟାକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ରାମକୃଷ୍ଣ କହିଛନ୍ତି।

## ମିଲ୍‌ରୁ ଚାଉଳ ଚୋରି: ୩ ଅଭିଯୁକ୍ତ କୋର୍ଟଚାଲାଣ

ବାହାନଗା,୧୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ଭଗତପୁର ଅଞ୍ଚଳରେ ଥିବା ଏକ ରାଇସ୍ ମିଲରୁ ୭୧ ଚାଉଳ ବସ୍ତା ଚୋରି ହେବାର ୪୮ ଘଣ୍ଟା ପରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ମିଲରୁ ଚାଉଳ ଚୋରି ଘଟଣାକୁ ନେଇ ମାଲିକ ମଧୁସୂଦନ ପୃଷ୍ଟି ଖନ୍ତାପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ତଦନ୍ତ ଚଳାଇଥିଲା। ଭଗତପୁର ଗ୍ରାମର ଉମେଶ ପ୍ରଧାନ(୨୮), ଉମାକାନ୍ତ ପଣ୍ଡା (୩୯) ଓ ସୁଠଙ୍ଗ ଗ୍ରାମର ବାବୁଲାଲ ସିଂ(୨୨)ଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା କରିବା ସହିତ ଅଟକ ରଖିଥିଲା। ଅଟକ ରଖିବାର ୪୮ ଘଣ୍ଟା ପରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଭଗତପୁରଠାରେ ଥିବା ମା' ଦୁର୍ଗା ରାଇସ୍ ମିଲ୍‌ରେ ଗତ ରବିବାର ବିଳମ୍ବିତ ରାତିରେ ମୋଟ ୭୧ ବସ୍ତା ଚାଉଳ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



ଅଗ୍ନିଶମ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି।

ଅନୁଗୋଳ ଅଫିସ,୧୬।୩

ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକ ଜରାସିଂହା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍କୁଲରୁ ୪ ହଜାର ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ନିଆଁ ଲିଭାଇବାର କୌଶଳ ବିଷୟରେ ଶିକ୍ଷା ଦେଇଥିଲେ। ଏଥିସହ ଜରୁରିକାଳୀନ ସ୍ଥିତିରେ ବିପଦକୁ ମୁକାବିଲା କରିବା ଲାଗି ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନାବଶ୍ୟକ ହମ୍ପକୁ ବିରୋଧ

ମାଧପୁର,୧୬।୩

ଅନୁଗୋଳ ଜିଲାର କିଆକଟା-ଆଠମଲ୍ଲିକ-ବଇଣ୍ଡା ରାଜ୍ୟ ରାଜପଥରେ ଅନାବଶ୍ୟକ ହମ୍ପ ନିର୍ମାଣକୁ ବିରୋଧ କରିଛି ବରିଷ୍ଠ ନାଗରିକ ସଂଘ, ଘରୋଇ ବସ୍ ମାଲିକ ସଂଘ ଓ ଟାକ୍ସି ଚାଳକ ସଂଘ। ଏ ନେଇ ବୁଧବାର ସଂଘ କର୍ମକର୍ତ୍ତାମାନଙ୍କୁ ନେଇ ସ୍ଥାନୀୟ ମା' ମାହେଶ୍ୱରୀ ଯାତ୍ରା ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡ. ନନ୍ଦ କିଶୋର ମହାକୁଡ଼ଙ୍କ ଆବାହକତ୍ୱରେ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନାବଶ୍ୟକ ଭାବେ ହମ୍ପ ନିର୍ମାଣ ଯୋଗୁ ଯାତାୟାତ ପ୍ରଭାବିତ ହେଉଛି। ଆମ୍ବୁଲାନ୍ସ ଯୋଗେ ଯାଉଥିବା ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ସଭ୍ୟ କଶ୍ୟପ କ୍ଷେତି, ରଞ୍ଜନ ମହାକୁଡ଼, ରବୀନ୍ଦ୍ର ଦାଶଙ୍କ ସମେତ ତିନୋଟି ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶେଷରେ ସମସ୍ତ ସଂଘ କର୍ମକର୍ତ୍ତାମାନେ ସ୍ଥାନୀୟ ଉପଜିଲାପାଳଙ୍କୁ ଦାବିପତ୍ର ଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଉପସ୍ଥିତ ବିଭିନ୍ନ ସଂଘର କର୍ମକର୍ତ୍ତାମାନେ।

## ବାଲି ଚୋରା ଚାଲାଣ
# ୧୦ ଗାଡ଼ି ଜବତ, ୨.୮୦ ଲକ୍ଷ ଜରିମାନା

ଜଳେଶ୍ୱର, ୧୬।୩(ଡି.ଏନ.ଏ.)

ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବାଲି ଚୋରାଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ପରେ ପ୍ରଶାସନର ଚେତା ପଶିଛି। ଜଳେଶ୍ୱର ତହସିଲଦାର ଓ ଏସ୍‌ଡିପିଓ ମିଳିତ ଭାବେ ୮ ଟ୍ରାକ୍ଟର, ୧ ଡମ୍ପର ଓ ଅନ୍ୟ ଏକ ଜେସିବି ଜବତ କରିବା ସହିତ ସେମାନଙ୍କଠାରୁ ୨ଲକ୍ଷ ୮୦ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧୀନରେ ଅଦ୍ୟାବଧି ୨୩ଟି ଯାକ ବାଲି ସଇରାତ ନିଲାମ ସରି ନ ଥିବାରୁ ବ୍ୟାପକ ବାଲି ଚୋରାରେ ଚାଲାଣ ହୋଇଆସୁଛି। ଫଳରେ ପ୍ରତି ଟ୍ରାକ୍ଟର ବାଲିର ଦାମ୍ ୪/୫ଶହ ଟଙ୍କା ହେବାକୁ ଥିବା ବେଳେ ବାସ୍ତବରେ ୩ହଜାରରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ବାଲି ମାଫିଆମାନେ ଅଧିକ ଲାଭ ପାଇବା ଆଶାରେ ଚୋରାଚାଲାଣକୁ ଦ୍ୱିଗୁଣିତ କରିଛନ୍ତି। ପ୍ରଶାସନ ପକ୍ଷରୁ ବିଳମ୍ବରେ ହେଲେ ମଧ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଜଳେଶ୍ୱର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଆର୍‌ଆଇ ଦିଲୀପ ଚନ୍ଦ, ଶରତ ବେହେରା, ସୁପରଭାଇଜର ଶୁଭେନ୍ଦୁ ସାହୁ, ଇନ୍ସପେକ୍ଟର ପ୍ରତାପ ଭଞ୍ଜ ଓ ସଞ୍ଜୟ ମଣ୍ଡଳ ପ୍ରମୁଖ ସଦଳବଳେ କଣ୍ଟାପାଳ ଓ ମାଗୁଣିଆପଡାଠାରେ ଥିବା ବାଲିଖାଦାନ ଉପରେ ଚଢାଉ କରିଥିଲେ। କଣ୍ଟାପାଳଠାରୁ ୧ ଡମ୍ପର, ୧ ଜେସିବି ଓ ୫ ଟ୍ରାକ୍ଟର ଜବତ କରାଯାଇଛି। ସେହିଭଳି ମାଗୁଣିଆପଡାଠାରେ ୩ ଟ୍ରାକ୍ଟର ଜବତ କରାଯାଇଛି। ଜବତ ଗାଡ଼ିଗୁଡ଼ିକରୁ ମୋଟ ୨ଲକ୍ଷ ୮୦ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

## ଜିଆର୍‌ଏସ୍‌ଙ୍କୁ ମାଡ଼ ମାରି ଛଡ଼ାଇ ନେଲେ ଭତ୍ତା ଟଙ୍କା

ଭଦ୍ରକ ଅଫିସ, ୧୬।୩

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବାଉଦପୁର ପଞ୍ଚାୟତରେ ବୁଧବାର ଭତ୍ତା ବଣ୍ଟନ ବେଳେ ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ)ଙ୍କୁ ଏକ ଦମ୍ପତି ମାଡ଼ ମାରିଛନ୍ତି। ଏଥିସହ ସେମାନେ ତାଙ୍କଠାରୁ ଭତ୍ତା ଟଙ୍କା ଛଡ଼ାଇ ନେଇଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଜିଆର୍‌ଏସ୍ ଦିଗମ୍ବର ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ବାଉଦପୁର ପଞ୍ଚାୟତ ଅଫିସ ସାମ୍ନା ହରିହର ମନ୍ଦିର ପ୍ରାଙ୍ଗଣରେ ସେ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ଟଙ୍କା ବଣ୍ଟନ କରୁଥିଲେ। ହଠାତ୍ ପଞ୍ଚାୟତର ସମ୍ପୃକ୍ତ ଦମ୍ପତି ଗାଡ଼ିରୁ ଓହ୍ଲାଇ ଆସି ତାଙ୍କୁ ମାଡ଼ ମାରିବା ସହ ହିତାଧିକାରୀଙ୍କୁ ବାଣ୍ଟିବା ପାଇଁ ଥିବା ଭତ୍ତା ଟଙ୍କା ଛଡ଼ାଇ ନେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।

# ମାତୃଭୂମି ପାଇଁ ଗଣଦୌଡ଼

ଭଦ୍ରକ ଅଫିସ,୧୬।୩

ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବୁଧବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧୦ରେ ହେବାକୁ ଥିବା ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଏହି ଗଣଦୌଡ଼ ଆୟୋଜନ କରାଯାଇଥିଲା। ସକାଳ ୭ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ତାରିଣୀ ମନ୍ଦିରଠାରୁ ଗଣଦୌଡ଼ ଆରମ୍ଭ ହୋଇ ସହର ମଧ ଦେଇ ସାଳନ୍ଦୀ ବାଇପାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଶେଷ ହୋଇଥିଲା।

ସମିତି ସଭାପତି ବରିଷ୍ଠ ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦଳ ମତ ନିର୍ବିଶେଷରେ ଶତାଧିକ ଯୁବକ, ଛାତ୍ର ସାମୁହିକ ଭାବେ ଏଥିରେ ସାମିଲ ହୋଇଥିଲେ। ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସ୍ୱାଧୀନ ସୁନ୍ଦର ଦାସ, ଶିବଶଙ୍କର ଦାସ, ସୀତାଂଶୁ ଶେଖର ମହାପାତ୍ର, ଦେବାଂଶୁ ରାଉତ, ଟୁକୁନା ସ୍ୱାଇଁ, ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ବରିଷ୍ଠ ନେତୃମଣ୍ଡଳୀ ମଧ୍ୟରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଢ଼ିଆରୀ, ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ନଳିନୀକାନ୍ତ ମହାନ୍ତି, ଇଂ. ପ୍ରୟାସକାନ୍ତି ସାମଲ, ହେମନ୍ତ ପାଢ଼ୀ, ମାଳତୀଲତା ସାହୁ ପ୍ରମୁଖ ଗଣଦୌଡ଼ରେ ଯୋଗ ଦେଇଥିଲେ।



ଭଦ୍ରକ ସହରରେ ଗଣଦୌଡ଼ରେ ସାମିଲ ଯୁବକ ଓ ଅନ୍ୟମାନେ।

